## ସଂକ୍ଷେପରେ

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ପରଜଙ୍ଗ, ୨୩।୩(ଡି.ଏନ.ଏ.):** ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ଖାଲପାଳ ଗ୍ରାମସ୍ଥିତ ଏକ ପୁରୁଣା କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ମହିଳା ଫାଣ୍ଡି ପୋଲିସକୁ ଅବଗତ କରାଇଛନ୍ତି। ରବିବାର ଘଟଣାର ତଦନ୍ତ କରାଯିବ ବୋଲି ଫାଣ୍ଡି ଅଧିକାରୀ ବାମଦେବ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

ଉକ୍ତ ଫାର୍ମରେ କେତେଜଣ ଶ୍ରମିକ ପରିବାର ରହୁଥିଲେ। ଶନିବାର କୌଣସି କାରଣରୁ ଫାର୍ମରେ ନିଆଁ ଲାଗିଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଫାର୍ମ ମାଲିକଙ୍କ ପୁଅ ଏବଂ ତାଙ୍କ ସହଯୋଗୀ ତେଲକୋଇ ଡିମିରିଆ ଗ୍ରାମର ସମୀର ମୁଣ୍ଡାଙ୍କୁ ବାନ୍ଧି ଦେଇଥିଲେ। ସମୀରଙ୍କ ସ୍ତ୍ରୀ ତୁଳସୀ ଘଟଣାସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏହି ସମୟରେ ସେଠାରେ ରହୁଥିବା ଅନ୍ୟ ଜଣେ ଶ୍ରମିକ ଶିବ ମୁଣ୍ଡା ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ରାଜ୍ୟ ହକ୍ ମାଗିଲା ବିଜେଡି

**ଢେଙ୍କାନାଳ ଅଫିସ, ୨୩।୩:** କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ହକ୍ ଦାବିରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଉଛି। ମହାନଦୀ ଜଳ ବିବାଦ ହେଉ କି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ସବୁଥିରେ ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଆଗାମୀ ଦିନରେ ଏହାକୁ ନେଇ ଜୋର୍‌ଦାର ପ୍ରତିବାଦ କରାଯିବ। ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍ ସମ୍ମୁଖରେ ଗୁରୁବାର ଆୟୋଜିତ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ମୋଦି ସରକାରଙ୍କ ବିରୋଧରେ ଏପରି ବିକ୍ଷୋଦ୍‌ଗାର କରିଛନ୍ତି ଦଳୀୟ କର୍ମକର୍ତ୍ତା। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନ ଦେବା, କର୍ମ ନିଯୁକ୍ତି ସୃଷ୍ଟିରେ ବିଫଳତା, ମହାନଦୀ ଜଳ ବିବାଦ, ଉଜ୍ଜ୍ୱଳା ଘୋଟାଲା, ଶୋଚନୀୟ ରାସ୍ତାଘାଟ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଅନିୟମିତତା, ଡିଜିଟାଲ ବ୍ୟାଙ୍କ ସେବା ବିଫଳ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ନ ହେବା, ଗରିବ ଛାତ୍ରୀଛାତ୍ରଙ୍କ ବୃତ୍ତି ବନ୍ଦ, ରୟାଲଟି ଅନୁପାତରେ ରାଜ୍ୟକୁ ଅଣଦେଖା ପ୍ରତିବାଦରେ ଦଳୀୟ କର୍ମକର୍ତ୍ତା ଭାଜପା ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ କର୍ମକର୍ତ୍ତା ଏବଂ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ହୋଲି ଉତ୍ସବ

**ଢେଙ୍କାନାଳ ଅଫିସ, ୨୩।୩:** ଢେଙ୍କାନାଳ ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ନବ କିଶୋର ଗୁରୁଙ୍କ ତତ୍ତ୍ୱାବଧାନରେ ଭାଇଚାରାର ପର୍ବ ହୋଲିକୁ ସରସ ସୁନ୍ଦରକରି ପାଳନ କରାଯାଇଥିଲା। କୃଷ୍ଣଚନ୍ଦ୍ର ପାତ୍ର, ଶ୍ରୀଧର ସାହୁ, ରାମଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ସାହୁ, ବିଶ୍ୱନାଥ ବେହେରା, ବସନ୍ତ ସାହୁ, ରବିନାରାୟଣ ମହାନ୍ତି, ମାତୃ ପ୍ରସାଦ ନନ୍ଦ, ଜିତେନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ନରେଶ ମହାପାତ୍ର, ରବିନାରାୟଣ ବେହେରା, ପୂର୍ଣ୍ଣଚନ୍ଦ୍ର ହୋତା, ଅଜୟ ଭଞ୍ଜ, ମାନସ ହୋତା, ନିରୋଦ ସାହୁ, ଦେବବ୍ରତ ତ୍ରିପାଠୀ, ମଙ୍ଗ ସାହୁ, ଗୌତମ ପାଲ୍, ପ୍ରତାପ କିଶୋରୀ ପାଣି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଙ୍ଗର ପର୍ବ ହୋଲି ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

### ବାଉଁଶପାଟଣାରେ ହରିନାମ ସଂକୀର୍ତ୍ତନ

**ଢେଙ୍କାନାଳ ଅଫିସ, ୨୩।୩:** ଢେଙ୍କାନାଳ ସହର ଉପକଣ୍ଠ ବାଉଁଶପାଟଣା ଗ୍ରାମରେ ୫୩ତମ ଅଷ୍ଟପ୍ରହର ନାମଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରାରେ ଗ୍ରାମବାସୀ ବଡ଼ଜୋରାରୁ ପାଣି ଆଣି ଘଟ ସ୍ଥାପନ କରିଥିଲେ। ଏହାପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଆଠଗଡ଼ର ବ୍ରାହ୍ମଣବସ୍ତ, ଗୋପବନ୍ଧୁ ବଜାର, ସିମିଳିଆ, ବଳଭଦ୍ରପୁର, କେଉଟବେରେଣୀ, ବଳଦିଆବନ୍ଧ, ଆଛନ୍ଦ, ସାନବଉଳପୁର, ବଡବଉଳପୁର, ଭୋଜଦେଇପୁର, ନରଣପୁର, ସଦାଶିବପୁର, ନୂଆସାହି, କଟା, ତରଭା, କାଶିଆଡିହି ଅଞ୍ଚଳର ୧୭ ସଂକୀର୍ତ୍ତନମଣ୍ଡଳୀ ଏଥିରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ସଂକୀର୍ତ୍ତନ ଦଳ, ଗ୍ରାମବାସୀଙ୍କ ମିଳିତ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

---

■ବିଶ୍ୱ ବନ ଦିବସ ପାଳିତ

# ପରିବେଶ ସୁରକ୍ଷାରେ ଜଙ୍ଗଲ ଭୂମିକା ଅତୁଳନୀୟ

**ଢେଙ୍କାନାଳ ଅଫିସ, ୨୩।୩**



ବିଶ୍ୱ ବନ ଦିବସ ପାଳନ ଅବସରରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଉଛି।

ପରିବେଶ ସୁରକ୍ଷାରେ ଜଙ୍ଗଲର ଭୂମିକା ଅତୁଳନୀୟ। ପରିବେଶର ସାମଗ୍ରିକ ଅଙ୍ଗ ହେଉଛି ଜଙ୍ଗଲ। ବନ୍ୟପ୍ରାଣୀ, ଜଙ୍ଗଲ ଓ ମଣିଷ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେବେ ବିକାଶ ପାଇଁ ଯେତିକି ଜଙ୍ଗଲ କ୍ଷୟ ହେଉଛି, ସେତିକି ଭରଣା ହୋଇପାରୁ ନ ଥିବାରୁ ପରିବେଶ ସନ୍ତୁଳନ ବିଗିଡ଼ିଯାଉଛି। ବିକାଶମୂଳକ କାର୍ଯ୍ୟ ପାଇଁ ଜଙ୍ଗଲକୁ କେତେ କମ୍ ବ୍ୟବହାର କରାଯାଇପାରିବ ତାହା ହିଁ ଆଜିର ମୁଖ୍ୟ ପ୍ରସଙ୍ଗ। ପରିବେଶର ସୁରକ୍ଷା ଲାଗି ଜଙ୍ଗଲ ସୁରକ୍ଷା ସମ୍ପର୍କିତ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିଛନ୍ତି ଜିଲାପାଳ ନିଖିଲ ପଠନ କଲ୍ୟାଣ। ସ୍ଥାନୀୟ ଜିଲା ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର ଆୟୋଜିତ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ଉତ୍ସବରେ ଅଧ୍ୟକ୍ଷତା କରି ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କହିଲେ, ଜିଲାରେ ରାସ୍ତା ପ୍ରଶସ୍ତୀକରଣ, ରେଙ୍ଗାଳି ପ୍ରକଳ୍ପ ଓ ରେଳପଥ ନିର୍ମାଣ ଯୋଗୁ ବନ୍ୟ ସମ୍ପଦ ହ୍ରାସ ପାଇଛି। ଏହାକୁ ଭରଣା କରିବାକୁ ଅଧିକରୁ ଅଧିକ ବୃକ୍ଷରୋପଣ ଜରୁରୀ। ଚଳିତ ବର୍ଷ ବିଶ୍ୱ ବନ ଦିବସର ଅନୁଚିନ୍ତା ହେଲା 'ଜଙ୍ଗଲ ଓ ତତ୍‌ଜନିତ ଜ୍ଞାନ'। ଜିଲାରେ ୮୫ ବର୍ଗ କିମି ଜଙ୍ଗଲ ସୀମା ବୃଦ୍ଧି ପାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ। ଜିଲା ପରିବେଶ କ୍ଲବ ସମୂହର ମାଷ୍ଟର ଟ୍ରେନର ପ୍ରଦ୍ୟୁମ୍ନ ରଥ କହିଲେ, ପରିବେଶ ସନ୍ତୁଳନ ରକ୍ଷା, ମାଟିର ଉର୍ବରତା ବଢ଼ାଇବା, ଜଳ ସଂରକ୍ଷଣ ଏବଂ ଅଭିବୃଦ୍ଧି କ୍ଷେତ୍ରରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନୁଗୋଳର ପରିବେଶ୍‌ବିତ୍ ସ୍ୱପ୍ନଶ୍ରୀ ଷଡ଼ଙ୍ଗୀ କହିଲେ, ଜଙ୍ଗଲ ସମ୍ବନ୍ଧୀୟ ଜ୍ଞାନ ବଢ଼ିଲେ ଜଙ୍ଗଲକୁ ଅଧିକ ସୁରକ୍ଷିତ ରଖାଯାଇପାରିବ। ଅନ୍ୟତମ ମାଷ୍ଟର ଟ୍ରେନର ଦୀପ୍ତିମୟୀ ଲେଙ୍କା, ଦେବରାଜ ରାଉତ ପଲିଥିନର କୁପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ହିନ୍ଦୋଳ ଉପଖଣ୍ଡ ବାବନ୍ଧ ମୀନକେତନ ବିଦ୍ୟାପୀଠ, ଢେଙ୍କାନାଳ ସଦର ଉପଖଣ୍ଡ ଗଁଦିଆ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

---

ଆଲୋଚନାଚକ୍ରରେ ମତ

# 'ପ୍ରାର୍ଥୀଙ୍କ ଦକ୍ଷତା ଦେଖି ଭୋଟ ଦିଅ'

**ଢେଙ୍କାନାଳ ଅଫିସ, ୨୩।୩**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଶୁକ୍ରବାର ସନ୍ଧ୍ୟାରେ 'ଜିଲାର ବିକାଶରେ ରାଜନୈତିକ ଦଳର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡା. ବିଧୁଭୂଷଣ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରି କହିଲେ, ରାଜନୈତିକ ଦଳକୁ ପ୍ରତିନିଧିତ୍ୱ କରୁଥିବା ପ୍ରାର୍ଥୀଙ୍କ ଦକ୍ଷତା ଏବଂ ଚରିତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନରେ ଏହାକୁ ସମୀକ୍ଷା କରି ମତଦାତା ମତଦାନ କରିବା ଆବଶ୍ୟକ।

ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର କହିଲେ, ଅଞ୍ଚଳର ବିକାଶରେ ରାଜନୈତିକ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଏଡ଼ାଇ ଅନେକେ ନିଜର ସମ୍ପତ୍ତି ବୃଦ୍ଧିରେ ଲାଗୁଛନ୍ତି। ଏହା ଭାରତୀୟ ଗଣତନ୍ତ୍ର ଲାଗି ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ସମାଜବାଦୀ ନେତା ସରୋଜ ଶତପଥୀ ଆଲୋଚନାରେ ଭାଗନେଇ କହିଲେ, ଜନସାଧାରଣଙ୍କ ଉନ୍ନତି ରାଜନୈତିକ ଦଳର ଲକ୍ଷ୍ୟ ହେବା ଉଚିତ। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଢେଙ୍କାନାଳ ସହରର ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନାହିଁ। ବ୍ରାହ୍ମଣୀ ନଦୀରେ ମାତ୍ରାଧିକ ପ୍ରଦୂଷଣ ୩୦ହଜାର ମତ୍ସ୍ୟଜୀବୀଙ୍କୁ ପ୍ରଭାବିତ କରିଛି। ଜିଲାରେ ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ଥାଣୁ ପାଲଟିଛି ବୋଲି ଉଭୟେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ କହିଲେ, ବିଭିନ୍ନ ଦଳର ନେତୃବୃନ୍ଦ ନିଜ ସ୍ୱାର୍ଥ ପାଇଁ ରାତାରାତି ଦଳବଦଳ କରୁଛନ୍ତି। ଏଥିରେ ଆଞ୍ଚଳିକ ବିକାଶ ଗୌଣ ହେଇଯାଉଛି ବୋଲି ସେ ମତ ରଖିଥିଲେ।

ନାଟ୍ୟକାର ଶତ୍ରୁଘ୍ନ ମାଟି ବ୍ୟଙ୍ଗ କବିତା, କବି କୁଞ୍ଜବିହାରୀ ସାହୁ ଭଜନ ପରିବେଷଣ କରିଥିଲେ। ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ବାହାଦୁର ପାଟସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

---

# ବିଜେଡି, କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ଉପରେ ନଜର

**ଢେଙ୍କାନାଳ ଅଫିସ, ୨୩।୩**

ଭାଜପା ପକ୍ଷରୁ ଢେଙ୍କାନାଳ ଲୋକ ସଭା ସମେତ ଜିଲାର ୪ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ନିର୍ବାଚନୀ ମାହୋଲରେ ଉଷ୍ମତା ଭରିଛି। କଂଗ୍ରେସ ପକ୍ଷରୁ କେବଳ ଢେଙ୍କାନାଳ ବିଧାନସଭା ଆସନ ଲାଗି ନବୀନ ନନ୍ଦଙ୍କ ନାମ ଘୋଷଣା କରାଯାଇଛି। ଲୋକ ସଭା କିମ୍ବା ଅନ୍ୟ କୌଣସି ବିଧାନସଭା କ୍ଷେତ୍ର ଲାଗି ଏ ଯାଏ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଏବେ ସମସ୍ତଙ୍କ ନଜର ଅଟକିଛି ବିଜେଡି ଉପରେ। ବିଶେଷ କରି ଢେଙ୍କାନାଳ ଲୋକସଭା ଆସନ ପାଇଁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ କିଏ ହେବେ, ସେ ନେଇ ସବୁଠି ଚର୍ଚ୍ଚା ଜୋର୍ ଧରିଛି।

ମାର୍ଚ୍ଚ ୨୮ରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏପ୍ରିଲ ୪ରେ ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ରହିଛି। ସେହିପରି ୫ରେ ଯାଞ୍ଚ, ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ଏପ୍ରିଲ ୨୩ରେ ମତଦାନ ହେବ।

ନାମାଙ୍କନପତ୍ର ଦାଖଲ ଦିନ ପାଖେଇ ଆସୁଥିବାବେଳେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣାକୁ ସମସ୍ତେ ଚାହିଁ ରହିଛନ୍ତି। ରବିବାର ସୁଦ୍ଧା ଉଭୟ ଦଳର ପ୍ରାର୍ଥୀ ତାଲିକା ଘୋଷଣା ହେବାର ସମ୍ଭାବନା ଥିବା ଉଭୟ ଦଳର ନିକଟତମ ମହଲରୁ ଶୁଣିବାକୁ ମିଳୁଛି।

---

# ଗୁଳି ମାଡ଼ରେ ଯୁବକ ଗୁରୁତର

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳ ଜିଲା ଖମାର ଥାନା ପୁରୁଣାପାଣି ଗ୍ରାମର ବିକାଶ ନାଏକ ଗୁଳିମାଡ଼ରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜିଲା ମୁଖ୍ୟ ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କୌଣସି ଶିକାରୀଙ୍କ ଗୁଳି ତାଙ୍କ ଦେହରେ ବାଜିଥିବା ପୋଲିସ ସନ୍ଦେହ କରୁଛି।



---

# ସିନର୍ଜିରେ ଅନର୍ଘ୍ୟ-୨୦୧୯




ବାର୍ଷିକ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୩।୩**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଦୁଇଦିନ ଧରି ଚାଲିଥିବା କମ୍ପ୍ୟୁଟର ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନର୍ଘ୍ୟ-୨୦୧୯ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ବିଭିନ୍ନ ବିଭାଗର ୩୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଏହି ଅବସରରେ 'ରିସେଣ୍ଟ ଟ୍ରେଣ୍ଡ୍ସ ଇନ୍ ଆଡଭାନ୍ସ କମ୍ପ୍ୟୁଟରିଂ' ଶୀର୍ଷକ ବିଷୟ ଉପରେ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ବିଏସ୍‌ଏନ୍‌ଏଲ୍ ମୁଖ୍ୟ ପ୍ରବନ୍ଧକ ପ୍ରଦୀପ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କମ୍ପ୍ୟୁଟରର ଆଧୁନିକୀକରଣ ଦ୍ୱାରା କଠିନ କାର୍ଯ୍ୟ ସରଳ ଭାବେ ହୋଇପାରୁଛି। ବିକାଶମୂଳକ କାର୍ଯ୍ୟ କମ୍ପ୍ୟୁଟର ବିନା ଏକପ୍ରକାର ଅସମ୍ଭବ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି, ବିଭାଗ ମୁଖ୍ୟ ଏସ୍. ଅବିନାଶ, ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଛାତ୍ର ପ୍ରତିନିଧି ଗୌରବ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

---

■ପୃଥକ୍ ଦୁର୍ଘଟଣା

# ଯୁବକ ମୃତ, ୩ ଗୁରୁତର



ଗୋବିନ୍ଦପ୍ରସାଦ ନିକଟରେ ଓଲଟି ପଡ଼ିଥିବା ଲୁହା ବୋଝେଇ ଟ୍ରକ।

**କାମାକ୍ଷାନଗର/ଭାପୁର, ୨୩।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

କାମାକ୍ଷାନଗର ଥାନା ସିଆରିମାଳିଆ ନିକଟରେ ମଧ୍ୟାହ୍ନରେ ବାଇକ୍ ଗଛରେ ପିଟି ହୋଇଯିବାରୁ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଚୁଳିଆମୁଣ୍ଡା ସାହିର ଶେଷ ଜେରେଇ (୨୨)। ଏଥିରେ ତାଙ୍କ ସହଯୋଗୀ ଅମର ବିରୁଆ (୧୭) ଗୁରୁତର ହୋଇଛନ୍ତି। ଶେଷ ଜଣେ ଟିପ୍ପର ଡ୍ରାଇଭର ଏବଂ ଅମର ହେଲ୍‌ପର ଭାବେ କାମ କରୁଥିଲେ। ଉଭୟେ ମୁକ୍ତାପଶିସ୍ଥିତ ଗାଡ଼ି ମାଲିକଙ୍କ ଘରେ ଟିପ୍ପର ରଖିଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ସିଆରିମାଳିଆରେ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ସାମାଜିକ କର୍ମୀ ବୁଦ୍ଧିମନ୍ତ ବେହେରା ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶେଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କେସ୍ ନଂ. ୬୦/୧୯, ଦଫା ୨୬୯, ୩୩୭, ୩୩୮, ୩୦୪ (ଏ)ରେ ମାମଲା ରୁଜୁ କରାଯାଇଛି।

କଙ୍କଡ଼ାହାଡ଼ ଥାନା ବାଲିକୁମା ପଞ୍ଚାୟତ ପିଳେଇବେରେଣୀ ନିକଟରେ ଏକ ଅଟୋରିକ୍ସା ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଚାଳକ ମାନସିଂ ଚାତର, ବାସନ୍ତୀ ବେହେରା ଗୁରୁତର ହୋଇଛନ୍ତି। ବାସନ୍ତୀଙ୍କ ସ୍ୱାମୀ ରମେଶ ବେହେରା ଏବଂ ଅନ୍ୟ ଜଣେ ଯାତ୍ରୀ ବୁଧିଆ ମୁଣ୍ଡା ସାମାନ୍ୟ ଆହତ ହୋଇଛନ୍ତି। ବେଣମୁଣ୍ଡା ଗ୍ରାମର ରମେଶ ଏବଂ ବାସନ୍ତୀ ବୃତ୍ତିରେ କୁମ୍ଭକାର। ଉଭୟେ ଯାଜପୁରସ୍ଥିତ ଟାଟା ମାଇନ୍ସ ହାଟକୁ ହାଣ୍ଡିମାଠିଆ ବିକ୍ରି କରିବାକୁ ଯାଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

ସେହିପରି ଥାନା ଭାପୁର ଫାଣ୍ଡି ଅଧୀନ ପୁରୁଣା କଟକ-ସମ୍ବଲପୁର ରାସ୍ତାରୁ ଗୋବିନ୍ଦପ୍ରସାଦ ଯାଇଥିବା ରାସ୍ତାରେ ଶନିବାର ଏକ ଲୁହା ବୋଝେଇ ଟ୍ରକ୍ (ଓଆର୍ ୦୪ କେ ୪୯୯୬) ଓଲଟି ପଡ଼ିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଅଛନ୍ତି। ଉକ୍ତ ଲୁହା କେଉଁ ସ୍ଥାନକୁ ଯାଉଥିଲା ତାହା ଜଣାପଡ଼ିନାହିଁ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି।

---

# ମହାସମାରୋହରେ ପାଳିତ ହେଲା ଦୋଳଯାତ୍ରା

**ଭୁବନ/ପରଜଙ୍ଗ, ୨୩।୩(ଡି.ଏନ.ଏ.)**



ପରଜଙ୍ଗରେ ଆୟୋଜିତ ଶୋଭାଯାତ୍ରା।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏବଂ ଏନ୍‌ଏସିର ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗୋପାଳ ସମାଜ ପକ୍ଷରୁ ମଙ୍ଗଳବାର ବାଟଘସା, ବୁଧବାର କୁମ୍ଭବୁଡ଼ା ଉତ୍ସବ ପାଳିତ ହୋଇଥିଲା। ସମସ୍ତ ମଣ୍ଡପରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନ ଯୋଗେ ସୁସଜ୍ଜିତ ବେଶରେ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ବାଜାବାଣ, ସଂକୀର୍ତ୍ତନମଣ୍ଡଳୀ, ଲଉଡି ଖେଳ ସାମିଲ ହୋଇଥିଲେ। ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ବିଭିନ୍ନ ପିଠାପଣା ବଣ୍ଟାଯାଇଥିଲା। ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ସେହିପରି ପରଜଙ୍ଗ ଗ୍ରାମ ଚୌପାଢ଼ିରୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇ ବଜାର ମଧ୍ୟରେ ଥିବା ଦୋଳ ମଣ୍ଡପକୁ ଅଣାଯାଇଥିଲା। ଡିଜେ ସାଉଣ୍ଡ, ବାଜାବାଣ, ସଂକୀର୍ତ୍ତନମଣ୍ଡଳୀରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। କଙ୍କଡ଼ାସୋଡ଼ା, ବାରବାଙ୍କ, ଡିହଡ଼ୋଳ ଗ୍ରାମର ଗୋପାଳଙ୍କ ଦ୍ୱାରା ଚିତ୍ତାକର୍ଷକ ଲଉଡ଼ି ଖେଳ ପ୍ରଦର୍ଶିତ ହୋଇଥିଲା। ଗ୍ରାମ କମିଟି ସଭାପତି ବିଭୂତି ସାମଲଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପାଟରପଦା, ବାରିହାପୁର, ଲୋଧଣି ଆଦି ଗ୍ରାମରେ ଦୋଳଯାତ୍ରା ଅବସରରେ ବାଦଦଣ୍ଡ, ଅପେରା ପରିବେଷଣ କରାଯାଇଥିଲା।



ଭୁବନରେ ଅନୁଷ୍ଠିତ ଦୋଳଯାତ୍ରାରେ ଲଉଡ଼ିଖେଳ।

## ବୃନ୍ଦାବନପୁର ଉତ୍ସବମୁଖର

**ଢେଙ୍କାନାଳ ଅଫିସ,୨୩।୩:** କାମାକ୍ଷାନଗର ବ୍ଲକ ବୃନ୍ଦାବନପୁର ଗ୍ରାମରେ ମହାଆଡମ୍ବରରେ ଆରମ୍ଭ ହୋଇଛି ଦୋଳ ମେଲଣ ଉତ୍ସବ। ଏଥିରେ ଗୁନେଇବିଲ ପଞ୍ଚାୟତର ୧୧ ଗ୍ରାମ ସାମିଲ ହୋଇଛନ୍ତି। ଏହା ୧୧ ଦିନ ବ୍ୟାପୀ ଚାଲିବ। ଦୈନିକ ଗୋଟିଏ ଗ୍ରାମରେ ରାଧାକୃଷ୍ଣଙ୍କ ବିମାନ ପରିକ୍ରମା କରାଯିବ। ଆଲୋକସଜ୍ଜା, ଫଗୁଖେଳ, ଲଉଡ଼ିବାଡ଼ି ଖେଳ, ସଂକୀର୍ତ୍ତନ ଏବଂ ଶିଙ୍ଗ ବାଜାରେ ମେଲଣ ପଡ଼ିଆ ପ୍ରକମ୍ପିତ ହେଉଛି। ଏହାକୁ ନେଇ ଗୋଡ଼ିସାହି, ବୋଲୁଅ, ବୃନ୍ଦାବନପୁର, ବୁଢିବିଲ, ଭଏରପୁର, ରଗଡ଼ିପଡ଼ା, ରାଙ୍କିଆ, ଚିତାକଟା, ବାଲିପଡ଼ା, ଟାଙ୍ଗର, ମହାବୀର ନଗର ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଯାତ୍ରା କମିଟି ସଭାପତି ଯାଦବାନନ୍ଦ ପାଳ, ସମ୍ପାଦକ ଅଲେଖ ପ୍ରସାଦ ସ୍ୱାଇଁ, ବୃନ୍ଦାବନପୁର ଗ୍ରାମର ନୃସିଂହ ଚରଣ ବେହେରା, ବିଦ୍ୟାଧର ନାୟକ, ଦୁଃଖବନ୍ଧୁ ବେହେରା, ପ୍ରାଣବନ୍ଧୁ ବେହେରା, ପ୍ରହଲ୍ଲାଦ ବେହେରା, ବିଦ୍ୟାଧର ସ୍ୱାଇଁ, ନିତ୍ୟାନନ୍ଦ ବେହେରା, ଅନନ୍ତ ଚରଣ ନାୟକ ପ୍ରମୁଖ ପରିଚାଳନା ଦାୟିତ୍ୱରେ ଅଛନ୍ତି।

## ସାପ୍ତାହିକ କାର୍ଯ୍ୟକ୍ରମ

**୨୪।୩।୧୯**

**ଅନୁଗୋଳ**
ବିଶ୍ୱ ଯକ୍ଷ୍ମା ଦିବସ
ସ୍ଥାନ- ଡିଏଚ୍‌ଏଚ୍ ଅନୁଗୋଳ
ସମୟ- ପୂର୍ବାହ୍ନ ୧୦ଟା।

**ବଆଁରପାଳ**
ତିନି ଦୋଳ ଉତ୍ସବ
ସ୍ଥାନ- ଯୋରାଗାଡ଼ିଆ
ସମୟ- ଅପରାହ୍ନ ୨ ଟା।

**ବଆଁରପାଳ**
ଜଗନ୍ନାଥ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ
ତାରିଖ-୨୫।୩।୧୯
ସ୍ଥାନ- ନାଲ୍‌କୋ ନଗର ମୀନାବଜାର ପଡ଼ିଆ
ସମୟ- ସନ୍ଧ୍ୟା ୬ଟା ୩୦।

**ବଆଁରପାଳ**
ନେସ୍ ସଙ୍ଗଠନର ବୈଠକ
ତାରିଖ-୨୬।୩।୧୯
ସ୍ଥାନ- ସଂଘ କାର୍ଯ୍ୟାଳୟ
ସମୟ- ସନ୍ଧ୍ୟା ୬ ଟା।

**୨୭।୩।୧୯**

**ଅନୁଗୋଳ**
ନବକିଶୋର ଚୌଧୁରୀ କଲେଜର ବାର୍ଷିକ ଉତ୍ସବ
ସ୍ଥାନ-କଲେଜ ପରିସର
ସମୟ- ଅପରାହ୍ନ ୧୦.୩୦।

### ■ପୋଲିସ ହାତରେ ୯ ଜଣିଆ ଲୁଟେରା ଗ୍ୟାଙ୍ଗ

# ୨୮ ବାଇକ୍, ମାରଣାସ୍ତ୍ର ଜବତ

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳ ପୋଲିସ ହାତରେ ଧରାପଡିଛନ୍ତି ୯ଜଣିଆ ଡକାୟତି ଗ୍ୟାଙ୍ଗ। ହୋଲି ଦିନ ସହର ଉପକଣ୍ଠରେ ଥିବା ପଞ୍ଚମହଲା ଠାରେ ଡକାୟତି ଯୋଜନା କରୁଥିବା ସମୟରେ ଏହି ଗ୍ୟାଙ୍ଗକୁ ପୋଲିସ ଗିରଫ କରିଛି। ଧରାପଡିଥିବା ୯ଜଣଙ୍କ ମଧ୍ୟରୁ ୩ ଜଣ ନାବାଳକ ଥିବା ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଡକାୟତଙ୍କ ଠାରୁ ୨୮ଟି ବାଇକ, ଦୁଇଟି ଭୁଜାଲି, ଲୁହା ରଡ଼ ଓ ଛୁରି ଜବତ କରାଯାଇଛି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପଞ୍ଚମହଲା ଠାରେ ଡକାୟତି ଯୋଜନା କରୁଥିବା ଖବରମିଳିଥିଲା। ପୋଲିସ ଟିମ୍ ପହଞ୍ଚି ଗ୍ୟାଙ୍ଗ ମୁଖ୍ୟ ଟିକନ ନାଏକ ଓ ତରୁ ନାଏକଙ୍କ ସମେତ ଅନ୍ୟମାନଙ୍କୁ କାବୁ କରିଥିଲେ। ପ୍ରଥମେ ଦୁଇଟି ଗାଡ଼ି ସେମାନଙ୍କ ନିକଟରୁ ଜବତ


ଡକାୟତି ଗ୍ୟାଙ୍ଗ ନିକଟରୁ ଜବତ ବାଇକ୍।

ହୋଇଥିଲା। ଖୋଳତାଡ଼ କରିବା ପରେ ସେମାନଙ୍କ ନିକଟରୁ ଆଉ ୨୬ଟି ଚୋରା ବାଇକ୍ ଜବତ କରାଯାଇଛି। ସମ୍ପୃକ୍ତ ଲୁଟେରାମାନେ ଅନୁଗୋଳ ବ୍ଲକ କାର୍ଯ୍ୟାଳୟ ରୋଡ଼ ସହ ମଦନମୋହନ ଲଜ ନିକଟରୁ ଗାଡ଼ି ଚୋରି କରୁଥିବା ପୋଲିସ କହିଛି। ଅନୁଗୋଳ ସହର ସମେତ ଛେଣ୍ଡିପଦା, ତାଳଚେର, ଦେବଗଡ଼ ଓ ବୌଦ୍ଧ ଅଞ୍ଚଳରେ ଗାଡ଼ି ଚୋରି ମାମଲାରେ ମଧ୍ୟ ସେମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଅନୁଗୋଳରୁ ଚୋରି ହେଉଥିବା ଗାଡ଼ିଗୁଡ଼ିକ ବୌଦ୍ଧ ଓ ଦେବଗଡ଼ରେ ବିକ୍ରି ହେଉଥିବା ବେଳେ ସେଠିକାର ଗାଡ଼ିଗୁଡ଼ିକ ଅନୁଗୋଳରେ ବିକ୍ରି ହେଉଥିବା କଥା ପୋଲିସକୁ ଡକାୟତମାନେ ପଚରାଉଚରା ବେଳେ କହିଥିବା ଜଣାପଡିଛି। ଗିରଫ ହୋଇଥିବା ୯ ଜଣଙ୍କ ମଧ୍ୟରେ ଚୋରା ଗାଡ଼ିକୁ ବିକ୍ରି ପାଇଁ ସହ ମଧ୍ୟସ୍ଥି କରୁଥିବା ବ୍ୟକ୍ତି ମଧ ରହିଥିବା ପୋଲିସର ଜନୈକ ଅଧିକାରୀ ସୂଚନା ଦେଇଛନ୍ତି।

## ବିତ୍ତୀୟ ସାକ୍ଷରତା ସଚେତନତା ଶିବିର

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତ ବାମନାଳୀ ଗ୍ରାମ ରାମ ମନ୍ଦିର ପରିସରରେ ବାଗଡିଆ ୟୁକୋ ବ୍ୟାଙ୍କ ପକ୍ଷରୁ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଗଡିଆ ୟୁକୋ ବ୍ୟାଙ୍କର ବିଜନେସ କରେସପଣ୍ଡେଣ୍ଟ ପବିତ୍ର ମୋହନ ମାଝିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାମନାଳୀ ସମେତ ଆଖପାଖ ଗ୍ରାମର ଶତାଧିକ ଚାଷୀ ଓ ଜନସାଧାରଣ ଯୋଗ ଦେଇଥିଲେ। ବାଗଡିଆ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୀପ ପ୍ରଧାନ ଓ ପି.କେ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଶିବିରର ଲକ୍ଷ୍ୟ ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାମନାଳୀ କ୍ଲବ ସଭାପତି ପ୍ରଭାସ ଚନ୍ଦ୍ର ଗଡନାୟକ, ସମ୍ପାଦକ ସରୋଜ କୁମାର ଗଡନାୟକ, ଯତିନ୍ଦ୍ର ମାଝି, ନିରଞ୍ଜନ ମାଝି, କେଶବ ମାଝି ପ୍ରମୁଖ ଯୋଗ ଦେଇଥିଲେ।

### ■୬ ବର୍ଷର ପୁଅ ଆଣିଲେ ଅଭିଯୋଗ

# ଧାର ଟଙ୍କା ମାଗିବାରୁ ମା’ଙ୍କୁ ବିଷ ପିଆଇଦେଲେ

**ଅନୁଗୋଳ ଅଫିସ, ୨୩।୩**


ସୁକାନ୍ତିଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଉଛି।

ଧାରରେ ଦେଇଥିଲେ ଟଙ୍କା। ଆଉ ସେହି ଟଙ୍କା ମାଗିବାକୁ ଯାଇଥିବାବେଳେ ଜବରଦସ୍ତ ମହିଳାଙ୍କୁ ବିଷ ପିଆଇଦେଲେ। ଏପରି ଅଭିଯୋଗ ଆଣିଛନ୍ତି ସମ୍ପୃକ୍ତ ମହିଳାଙ୍କ ୬ବର୍ଷର ପୁଅ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣା ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅନୁଗୋଳ ପୁରୁଣାକୋଟ ଥାନା ଗୁରୁଧି ଗ୍ରାମର ସୁକାନ୍ତି ପ୍ରଧାନ ବନ୍ତଳା ଥାନା ସାରଙ୍ଗପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଧାର ସୂତ୍ରରେ ଟଙ୍କା ଦେଇଥିଲେ। ଦୀର୍ଘଦିନ ହେଲା ସମ୍ପୃକ୍ତ ବ୍ୟକ୍ତି ଟଙ୍କା ପରିଶୋଧ କରୁ ନ ଥିଲେ। ବୁଧବାର ସନ୍ଧ୍ୟାରେ ସୁକାନ୍ତ ଟଙ୍କା ମାଗିବାକୁ ସାରଙ୍ଗପୁର ଯାଇଥିଲେ। ସେଠାରେ ଟଙ୍କା ନେଇଥିବା ବ୍ୟକ୍ତି ଏବଂ ତାଙ୍କ ସହଯୋଗୀ ସୁକାନ୍ତିଙ୍କୁ ମାଡ଼ମାରିବା ସହ ଜୋରଜବରଦସ୍ତ ବିଷ ପିଆଇ ଦେଇଥିଲେ ବୋଲି ତାଙ୍କ ୬ବର୍ଷର ପୁଅ ଅଭିଯୋଗ କରିଛନ୍ତି।

ତାଙ୍କ କହିବା ଅନୁଯାୟୀ, ମା’ ବୁଧବାର ସନ୍ଧ୍ୟାରେ ଟଙ୍କା ମାଗିବାକୁ ଯାଇ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ତାଙ୍କୁ କେତେଜଣ ଲୋକ ଉଦ୍ଧାର କରି ଘରକୁ ଖବର ଦେଇଥିଲେ। ସେହି ସମୟରେ ଧାର ଟଙ୍କା ନେଇଥିବା ଲୋକ ଏବଂ ତାଙ୍କ ସହଯୋଗୀମାନେ ବିଷ ପିଆଇ ମାରିଦେବାକୁ ଉଦ୍ୟମ କରିଥିବା ମା’ କହିଥିବା ନାବାଳକ ପୁଅ କହିଛନ୍ତି। ୧୦୮ ଆମ୍ବୁଲାନ୍ସ ସହାୟତାରେ ସୁକାନ୍ତିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍ଗିନ ରହିଛି। ଥାନାରେ କୌଣସି ଅଭିଯୋଗ ହୋଇଥିବା ପୁରୁଣାକୋଟ ଥାନାଧିକାରୀ ଦିଲୀପ କୁମାର ସାହୁ କୁହନ୍ତି।

## ସଂକ୍ଷେପରେ

### ଗିରାଙ୍ଗ, କୁଲାଡ଼ ଉତ୍ସବମୁଖର

ବଆଁରପାଳ, ୨୩।୩ (ଡି.ଏନ୍.ଏ)- ବଆଁରପାଳ ବ୍ଲକ କୁଲାଡ଼ ଓ ଗିରାଙ୍ଗ ଗ୍ରାମ ଦୋଳପର୍ବରେ ଉତ୍ସବମୁଖର ହୋଇଉଠିଥିଲା। ଅପରାହ୍ନରେ କୁଲାଡ଼ଠାରେ ବିଭିନ୍ନ ବାଦ୍ୟ ବାଜଣା ସହକାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ବିଭିନ୍ନ ଅଞ୍ଚଳର ଲଉଡ଼ି ଦଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଦୋଳ ମଣ୍ଡପରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଗିରାଙ୍ଗ ଠାରେ ଧୁମ୍‌ଧାମରେ ଦୋଳ ପର୍ବ ପାଳିତ ହୋଇଥିଲା। ଅପରାହ୍ନରେ ରାଧାକୃଷ୍ଣ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଯାତ୍ରା ମଣ୍ଡପରେ ଠାକୁରଙ୍କର ପୂଜାର୍ଚ୍ଚନା କରାଯିବା ପରେ ଅଞ୍ଚଳରୁ ଆସିଥିବା ଲଉଡ଼ି ଦଳମାନେ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ରାତିରେ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରିୟଜିତ ଦେହୁରୀ, ବିଜୟ ସାମଲ, ଦିଲୀପ ଗଡ଼ନାୟକ, ସୁକାନ୍ତ ଗଡ଼ନାୟକ, ସରୋଜ ଦେହୁରୀ, ବରୁଣ ଜେନା, ଅଖିଳ ସାମଲ, ଯୋଗେନ୍ଦ୍ର ଗଡ଼ନାୟକ, ସୁକାନ୍ତ ଗଡ଼ନାୟକଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# ଜଳ ଉତ୍ସର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ




**ଛେଣ୍ଡିପଦା,୨୩।୩(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ତଥା ଜରପଡା ଫରେଷ୍ଟ ରେଞ୍ଜ ଦୁର୍ଗାପୁର ବନ ସୁରକ୍ଷା ସମିତି ସଭାଗୃହଠାରେ ଜଙ୍ଗଲ ବିଭାଗ ଏବଂ ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି (ନ୍ୟୁଜ)ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ନ୍ୟୁଜ ନିର୍ଦ୍ଦେଶକ ପ୍ରସନ୍ନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱ ଜଳ ଦିବସ ପାଳନ କରାଯିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ଉପରେ ସମସ୍ତେ ସଚେତନତା ହେବା ଆବଶ୍ୟକ। ପ୍ରତ୍ୟେକ ସ୍ଥାନରେ ଥିବା ଜଳ ଉତ୍ସ ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା ରଖିବା, ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାରୁ ଭୂତଳ ଜଳ ବ୍ୟବହାର ଉପରେ ମଧ ସମସ୍ତ ଜନସାଧାରଣ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି କାର୍ତ୍ତିକ, ଫରେଷ୍ଟ ରେଞ୍ଜ ଅଫିସର ହୃଦାନନ୍ଦ ନାଏକ, ଫରେଷ୍ଟର ଲୋକନାଥ ପ୍ରଧାନ, ନିଉଜ ସଂସ୍ଥା ଟିମ ଲିଡର ଅଭୟ କୁମାର ଗାହାଣ, ବନ ସୁରକ୍ଷା ସମିତି ଉପସଭାନେତ୍ରୀ ବିଜୁଳି ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ଧ୍ରୁବ ଚରଣ ସାହୁ, ପ୍ରକାଶ ପ୍ରଧାନ, ପ୍ରହ୍ଲାଦ ପ୍ରଧାନଙ୍କ ସମେତ ଶତାଧିକ ମହିଳାପୁରୁଷ ସଦସ୍ୟ ଉପସ୍ଥିତ ଥିଲେ।

## ଶହୀଦଙ୍କୁ ମନେପକାଇଲା ଯୁବ ସଂଗଠନ

**ଅନୁଗୋଳ ଅଫିସ, ୨୩।୩**

ଭଗତ ସିଂଙ୍କ ୮୮ତମ ଶହୀଦ ଦିବସ ଅବସରରେ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ ପକ୍ଷରୁ ସାନ୍ତରାପୁର ପଞ୍ଚାୟତ ଅମାନ୍ତପୁର ଗ୍ରାମରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସିଲୁ ଧଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଯୁବ ସଙ୍ଗଠକ ଭରତ କୁମାର ନାଏକ ଯୋଗଦେଇ ଶହୀଦ ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଡିୱାଇଓ ରାଜ୍ୟ ଉପସଭାପତି ମାନସ ପାଳ ଯୋଗଦେଇ ଭଗତ ସିଂଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଗ୍ରାମର ଶତାଧିକ ଯୁବକମାନେ ଉପସ୍ଥିତ ଥିଲେ।

# ୨ ଦିନିଆ ଅନୁଗୋଳ ଗସ୍ତରେ ଶଙ୍କରାଚାର୍ଯ୍ୟ



ଶଙ୍କରାଚାର୍ଯ୍ୟଙ୍କ ଗସ୍ତକୁ ନେଇ ଆୟୋଜିତ ଖବରଦାତା ସମ୍ମିଳନୀ।

**ଅନୁଗୋଳ ଅଫିସ, ୨୩।୩**

ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଗୋଳ ଗସ୍ତରେ ଆସୁଛନ୍ତି ପୁରୀ ଗୋବର୍ଦ୍ଧନ ମଠର ପୀଠାଧୀଶ୍ୱର ସନାତନ ଧର୍ମର ଧର୍ମଗୁରୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶଙ୍କରାଚାର୍ଯ୍ୟଙ୍କ ଆଗମନକୁ ନେଇ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ପରିଷଦ ତରଫରୁ ସୂଚନା ଦିଆଯାଇଛି। ଆଦିତ୍ୟ ବାହିନୀର ମହାସଚିବ ମାତୃ ପ୍ରସାଦ ମିଶ୍ର ଶଙ୍କରାଚାର୍ଯ୍ୟଙ୍କ ୨ ଦିନିଆ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଦେଇଥିଲେ। ୨୬ ତାରିଖ ମଧ୍ୟ ରାତ୍ରରେ ଶଙ୍କରାଚାର୍ଯ୍ୟ ଅନୁଗୋଳରେ ପହଞ୍ଚିବା ପରେ ୨ ଦିନ ପାଇଁ ସଜ୍ଜନ କୁମାର ଅଗ୍ରୱାଲଙ୍କ ବାସଭବନରେ ବିଶ୍ରାମ ନେବେ। ୨୭ ତାରିଖ ଅପରାହ୍ନ ୩ଟାରେ ଶଙ୍କରାଚାର୍ଯ୍ୟ ବନ୍ତଳା ସ୍ଥିତ ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରିବେ। ୩ଟା ୩୦ରେ ବନ୍ତଳା ହାଇସ୍କୁଲ ପଡିଆରେ ଜଗଦଗୁରୁ ଏକ ଧର୍ମ ସଭାକୁ ଉଦବୋଧନ ଦେବେ। ୨୮ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ନାଲକୋନଗରଠାରେ ଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମୀନାବଜାର ପଡିଆ ଠାରେ ଧର୍ମ ସଭାରେ ଯୋଗ ଦେବେ ବୋଲି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେମନ୍ତ ଦାସ, ପ୍ରଭାରୀ ରୋହିତ ଦାସ, ସମ୍ପାଦକ ପର୍ଶୁରାମ ଦାସ, ମାରୱାଡି ପଞ୍ଚାୟତର ସଭାପତି ରିତ ମାଣ୍ଡୋଠିଆ ଉପସ୍ଥିତ ଥିଲେ।

### ■କୁନ୍ଦାନାଳି ଦୋଳଯାତ୍ରା

# ଉଜ୍ଜୀବିତ ହେଲା ୧୦୦ ବର୍ଷର ପରମ୍ପରା

**ମାଧପୁର, ୨୩।୩**

ଆସିଛି ରଙ୍ଗର ପର୍ବ ହୋଲି। ସବୁଆଡେ ରଙ୍ଗବେରଙ୍ଗ ପରିବେଶ। ଗୀତନାଚରେ ସଭିଁଏ ମସ୍‌ଗୁଲ। ଭାଇଚାରାର ଏହି ପର୍ବରେ ସାମିଲ ହୋଇଥିଲା ସାରା ରାଜ୍ୟ। ଏହାକୁ ହାତଛଡ଼ା କରିନାହାନ୍ତି ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଅନ୍ତର୍ଗତ କୁନ୍ଦନାଳୀବାସୀ। ଦୋଳ ଏବଂ ହୋଲି ପାଇଁ ଏଠାରେ ପୁଣି ଥରେ ଉଜ୍ଜୀବିତ ହୋଇଉଠିଛି ୧୦୦ ବର୍ଷର ପରମ୍ପରା, ଯାହାକୁ ମନଭରି ଉପଭୋଗ କରିଛନ୍ତି ଅଞ୍ଚଳର ହଜାର ହଜାର ଜନସାଧାରଣ।

ଗ୍ରାମର ବୟସ୍କ ବ୍ୟକ୍ତିଙ୍କ କହିବା କଥା, ପାଖାପାଖି ୧୦୦ ବର୍ଷ ତଳେ ଆରମ୍ଭ ହୋଇଥିଲା କୁନ୍ଦାନାଳୀର ଐତିହାସିକ ଦୋଳଯାତ୍ରା। ୫୦ କିମି ପରିମିତ ଅଞ୍ଚଳ ମଧ୍ୟରେ ଏହା ଏକମାତ୍ର ପ୍ରସିଦ୍ଧ ଦୋଳଯାତ୍ରା ହୋଇଥିବାରୁ ଏହାର ସ୍ୱତନ୍ତ୍ରତା ରହିଛି। ଏହି ଅବସରରେ ଦୋଳଯାତ୍ରା ପୂର୍ବଦିନ ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ପିନ୍ଧାଣି ନୀତି ପରମ୍ପରା ଅନୁଯାୟୀ ହୋଇଥିଲା। ଗୁରୁବାର ମହିଳାମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟା ୫ଟାରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଭବ୍ୟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଘଣ୍ଟଘଣ୍ଟା, ଖୋଳତାଳ,



ଡିଜେ ସାଉଣ୍ଡ, ସଂକୀର୍ତ୍ତନମଣ୍ଡଳୀ ସହିତ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଗ୍ରାମ୍ୟ ପରିବେଶରେ ଭରି ଦେଇଥିଲା ଆଧ୍ୟାତ୍ମିକ ବାତାବରଣ। ଠାକୁରଙ୍କୁ ଦୋଳମଣ୍ଡପରେ ବିରାଜମାନ କରାଇବା ପରେ ଆବଶ୍ୟକ ନୀତି ଅନୁଷ୍ଠିତ ହୋଇଥିଲା। ଗ୍ରାମର ରାଧାକୃଷ୍ଣ ନାଟ୍ୟ ସଂସଦ ଆନୁକୂଲ୍ୟରେ ପରିବେଷଣ ହୋଇଥିଲା ସାମାଜିକ ନାଟକ ‘ଭାଙ୍ଗିଗଲା ବାଇ ଚଢେଇ ବସା’। ଗୁରୁବାର ସକାଳୁ ଅଞ୍ଚଳବାସୀ ହୋଲି ଖେଳରେ ସାମିଲ ହୋଇଥିଲେ। ଗ୍ରାମ ସଭାପତି ନଳୀନ ପ୍ରଧାନ, ସମ୍ପାଦକ ବେଲାରସେନ ବଘାର, ଉପସଭାପତି ଗିରିଜା ଶଙ୍କର ଭୋଇ, ସହ ସମ୍ପାଦକ ସ୍ୱପେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ବୀରବର ଅମାତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ରାଧାକୃଷ୍ଣ ଯୁବକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ହରିହରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଅନୁଗୋଳ ଅଫିସ, ୨୩।୩**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱର୍ଗତ ହରିହର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନାଲ୍‌କୋନଗର ଭାରତମାତା ମନ୍ଦିରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଯାଇଛି। ସଂଘର ବିଭାଗ କାର୍ଯ୍ୟବାହ ପ୍ରଭାତ କୁମାର ସାହୁଙ୍କ ସେବକମାନେ ନନ୍ଦଙ୍କ ଜୀବନଶୈଳୀ ରାଷ୍ଟ୍ରପ୍ରେମ, ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ। ତାଙ୍କ ଦ୍ୱାରା ଓଡ଼ିଆରେ ରଚିତ ଦେଶାତ୍ମବୋଧ ସଙ୍ଗୀତ ସ୍ୱୟଂସେବକମାନଙ୍କ ମନରେ ସ୍ପନ୍ଦନ ତଥା ଆଲୋଡ଼ନ ସୃଷ୍ଟି କରିଥିଲା ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ପ୍ରକାଶିତ ସାପ୍ତାହିକ ପତ୍ରିକା ରାଷ୍ଟ୍ରଦ୍ୱୀପରେ ଦେଶାତ୍ମବୋଧ ଗୀତ, ଛତ୍ରପତି ଶିବାଜୀଙ୍କ କାହାଣୀ ତଥା ଭ୍ରମଣବୃତ୍ତାନ୍ତ ସମସ୍ତ ପାଠକଙ୍କ ମନ ଛୁଇଁଥିଲା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନିଲ କୁମାର ମିଶ୍ର, ବିଜୟ କୁମାର ସାହୁ, ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଚନ୍ଦ୍ରଶେଖର ବେହେରା, ଶତ୍ରୁଘ୍ନ ତରେଇ, ସଞ୍ଜୟ ଦେହୁରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ସାହୁ, ପ୍ରଭାତ ଧର, ଶିଦ୍ଧନାଥ ସାହୁ, କୈଳାସ ବେହେରା, ବନମାଳି ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ତାଲିମ କାର୍ଯ୍ୟକ୍ରମ ତଦାରଖ କଲେ ଜିଲାପାଳ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନେ।

**ଅନୁଗୋଳ ଅଫିସ, ୨୩।୩**

ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଶନିବାରଠାରୁ ଜିଲାର ୧୬ଟି ସ୍ଥାନରେ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ପରିଦର୍ଶନ କରି ଏହି କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଜିଲା କାର୍ଯ୍ୟାଳୟ, ଜିଲା ପରିଷଦ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଅନୁଗୋଳ ବ୍ଲକ, ଅନୁଗୋଳ ପୌରପାଳିକା ଓ ଛେଣ୍ଡିପଦା ବ୍ଲକର ସମ୍ମିଳନୀ ଗୃହ ସମେତ ଜିଲାର ଅନ୍ୟାନ୍ୟ ୧୦ଟି ତାଲିମ କେନ୍ଦ୍ରରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ପ୍ରତ୍ୟେକ କେନ୍ଦ୍ରରେ ୫୦ ଜଣ ଲେଖାଏଁ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନେ ଇଭିଏମ୍ ଓ ଭିଭିପିଏଟି ବ୍ୟବହାର ସମ୍ପର୍କରେ ତାଲିମ ଦେଉଛନ୍ତି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଧରଣୀଧର ନନ୍ଦ ଓ ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଦିଲୀପ କୁମାର ବଳ ତାଲିମ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଛନ୍ତି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର (ଆପାତକାଳୀନ) ବୈତୁରା ଦିପ୍, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ଅନୁଗୋଳ ବିଇଓ ଲୋପାମୁଦ୍ରା ପଟ୍ଟନାୟକ, ଅନୁଗୋଳ ଅତିରିକ୍ତ ତହସିଲଦାର ସାଗରିକା ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା, ଅନୁଗୋଳ ଏବିଡିଓ ବିଜୟ ମେହେର ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଭୋଟ ଗ୍ରହଣର ବିଭିନ୍ନ ପଦ୍ଧତି ଓ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଉଛନ୍ତି। ମୋଟ ୨୭୯୬ ଜଣ ଉଭୟ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଫିସର ବିଭିନ୍ନ ପର୍ଯ୍ୟାୟରେ ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ତାଲିମ ଗ୍ରହଣ କରିବେ।

## ସଂକ୍ଷେପରେ

### ମେଳଣରେ ଗଣ୍ଡଗୋଳ, ୨ ଗିରଫ

ଅନୁଗୋଳ ଅଫିସ, ୨୩।୩: ଅନୁଗୋଳ କୁମଣ୍ଡରେ ଶୁକ୍ରବାର ମେଳଣ ଚାଲିଥିବା ବେଳେ ଗଣ୍ଡଗୋଳ କରିବା ଅଭିଯୋଗରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନ ହେଲେ ସନ୍ତୋଷ ବେହେରା(୨୦) ଓ ଅମର ବେହେରା(୨୭)। ଏ ନେଇ ନଂ. ୨୧୦/୧୯ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସ୍ୱର୍ଣ୍ଣମୟୀ ଷେଣ ସୂଚନା ଦେଇଛନ୍ତି।

### ପୋଲିସ ଗାଡ଼ି ଭଙ୍ଗାରୁଜା, ୨ କୋର୍ଟ ଚାଲାଣ



ବଅଁରପାଳ, ୨୩।୩(ଡି.ଏନ୍.ଏ.): ବଅଁରପାଳ ଥାନା ଅଞ୍ଚଳରେ ଥିବା ଏକ ମଦ ଦୋକାନରେ ଶୁକ୍ରବାର ଗଣ୍ଡଗୋଳ ବେଳେ ସେଠାରେ ପହଞ୍ଚିଥିବା ପୋଲିସ ଗାଡ଼ିକୁ ଗଣ୍ଡଗୋଳକାରୀ ଭଙ୍ଗାରୁଜା କରିଥିଲେ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁଜିତ କୁମାର ଓ ନରେଶ କୁମାର। ଗଣ୍ଡଗୋଳର ସମାଧାନ ପାଇଁ ସେଠାରେ ପୋଲିସ ପହଞ୍ଚିବାପରେ ଅଭିଯୁକ୍ତମାନେ ପୋଲିସ ଗାଡ଼ି (ନଂ.ଓଆର୍-୦୫ ଏଭି-୬୮୮୯)କୁ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା।

### ବିଦ୍ୟୁତ୍ ଆଘାତରେ ବଳଦ ମୃତ

ବଇଣ୍ଡା, ୨୩।୩(ଡି.ଏନ୍.ଏ.): ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ବାଲିସାହି ଗ୍ରାମରେ ଗୁରୁବାର ବିଦ୍ୟୁତ୍ ଆଘାତରେ ପୀତବାସ ଭୂତିଆଙ୍କ ଏକ ବଳଦର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପୋଡ଼ାସାହି ନିକଟରେ ଥିବା ଟ୍ରାନ୍ସଫର୍ମରରୁ ଦୀର୍ଘଦିନ ହେଲା ଏକ ବିଦ୍ୟୁତ୍ ତାର ଓହଳି ରହିଛି। ବଳଦଟି ସେଠାରେ ଚରୁଥିବାବେଳେ ତାର ସଂସ୍ପର୍ଶରେ ଆସିଯାଇଥିଲା। ବାରମ୍ବାର ଦାବି ସତ୍ତ୍ୱେ ଏହାକୁ ବିଭାଗ ପକ୍ଷରୁ ମରାମତି କରାଯାଉ ନ ଥିଲା। ତେଣୁ ବଳଦର ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ମୃତ ଗୋରୁ ମାଲିକକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

### ବିଜେଡିର ବୈଠକ

ବଇଣ୍ଡା, ୨୩।୩(ଡି.ଏନ୍.ଏ.): କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ନଡଡ଼ାରେ ଗୁରୁବାର ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କାଳିନ୍ଦୀଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିରେ ସାମିଲ ହୋଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନ ଲାଗି ତୃଣମୂଳସ୍ତରରୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଥିଲାଗି ସମସ୍ତେ ଏକଜୁଟ୍ ହୋଇ କାମ କରିବାକୁ ସେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୟାନନ୍ଦ ପ୍ରଧାନ, ପୂର୍ବତନ ସମିତିସଭ୍ୟ ଜେନାମଣି ପ୍ରଧାନ, ଉରୁକୁଳା ସରପଞ୍ଚ ଅଶୋକ ପ୍ରଧାନ, ଶିକ୍ଷାବିତ୍ ବୀରକିଶୋର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ତିମିର ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ଶ୍ରୀଚୈତନ୍ୟଙ୍କ ଜୟନ୍ତୀ

କଣିହାଁ, ୨୩।୩(ଡି.ଏନ.ଏ.): ଶ୍ରୀକୃଷ୍ଣଙ୍କ ଲୀଳା ଏବଂ ହରିନାମକୁ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରିଥିବା ସନ୍ଥ ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମ ଉତ୍ସବ ଗୁରୁବାର ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପାଳିତ ହୋଇଛି। ଏହି ଅବସରରେ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମରେ ଓଡ଼ିଶୀ ନାମସଂକୀର୍ତ୍ତନ ମଣ୍ଡଳୀ ତରଫରୁ କୋଠଘରେ ପୂଜାପାଠ କରାଯାଇଥିଲା। ଆୟୋଜିତ ସାମୂହିକ ପ୍ରସାଦ ସେବନରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦୋଳପୂର୍ଣ୍ଣିମା ଉପଲକ୍ଷେ ସନ୍ଧ୍ୟାରେ ରାଧାଗୋବିନ୍ଦଙ୍କ ଆଳତି କରାଯାଇଥିଲା। ଏହି ଅବସରରେ ଗୋପାଳମାନେ ବାଡ଼ି କ୍ରୀଡ଼ା ପ୍ରଦର୍ଶନ କରିଥିଲେ।

■ଅନୁଗୋଳରେ କଂଗ୍ରେସ, ଭାଜପାର ପ୍ରାର୍ଥୀ ତାଲିକା ଘୋଷଣା

# ବିପ୍ଳବ, ପ୍ରତାପଙ୍କୁ ବିଧାୟକ ଟିକେଟ

ଅନୁଗୋଳ ଅଫିସ, ୨୩।୩

ଚଳିତ ସାଧାରଣ ନିର୍ବାଚନ ପାଇଁ ଭାଜପା ଓ କଂଗ୍ରେସ ଅନୁଗୋଳର ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। କଂଗ୍ରେସ ଜିଲାର ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦେଇଛି। ଭାଜପା ୪ଟି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀକୁ ଝୁଲାଇ ରଖିଛି। ଅନ୍ୟପକ୍ଷରେ ଶାସକ ବିଜେଡି ପକ୍ଷରୁ ଅନୁଗୋଳର କୌଣସି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇନାହିଁ। ତେବେ ଦୁଇ ଜାତୀୟ ଦଳରେ ପ୍ରାର୍ଥୀ ଚୟନ ପରେ ଟିକେଟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରିକି ଅନେକ ଆଶାୟୀ ଏହି ଚୟନ ତାଲିକାକୁ ଖୋଲାଖୋଲି ବିରୋଧ କରୁଥିବା ବେଳେ ସେମାନଙ୍କୁ ମନାଇବାକୁ ପ୍ରୟାସ କରିବା ଆରମ୍ଭ କରିଛନ୍ତି ଟିକେଟ ହାତେଇଥିବା ପ୍ରାର୍ଥୀ।

ଅନୁଗୋଳ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ଜିଲା ସଭାପତି ବିପ୍ଳବ ଜେନାଙ୍କୁ ପ୍ରାର୍ଥୀ କରିଛି। ସେହିପରି ପାଲଲହଡ଼ା ଆସନରୁ ସୁବ୍ରତ ଗଡନାୟକଙ୍କୁ ଦଳ ଟିକେଟ ଦେଇଥିବାବେଳେ ତାଳଚେରରୁ ସୁରେଶ କୁମାର ବେହେରାଙ୍କୁ ପ୍ରାର୍ଥୀ ତାଲିକାରେ ସ୍ଥାନ ମିଳିଛି। ଛେଣ୍ଡିପଦାରେ ସସ୍ମିତା ବେହେରା, ଆଠମଲ୍ଲିକରେ ବିଜୟାନନ୍ଦ ଛោଲିଆଙ୍କୁ କଂଗ୍ରେସ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଜିଲାରେ କଂଗ୍ରେସରେ ସର୍ବାଧିକ ଆଶାୟୀ ଥିବାରୁ ପ୍ରଦେଶ କଂଗ୍ରେସ ପକ୍ଷରୁ ସ୍କ୍ରିନିଂ କମିଟି ମାଧ୍ୟମରେ ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଏକାଧିକ ଆଶାୟୀଙ୍କ ନାମ ଏଆଇସିସିକୁ ପଠାଯାଇଥିଲା। ଏଆଇସିସି ଅନୁମୋଦନ କ୍ରମେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଦଳ ପ୍ରାର୍ଥୀ ଚୟନ କରିଛି। ତେବେ ଏହି ତାଲିକା ପ୍ରକାଶ ପାଇବା ପରେ କଂଗ୍ରେସରୁ ଟିକେଟ ପାଇବା ନେଇ ଆଶାୟୀ ଥିବା କେତେଜଣ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଟିକେଟ ପାଇବାକୁ ନାମ ଘୋଷଣା ହେବା ପରେ ବିପ୍ଳବ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲାର ସର୍ବାଙ୍ଗୀନ ଉନ୍ନତି ସହ ବେକାରୀ ସମସ୍ୟା ଦୂର କରିବା ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହେବ ବୋଲି ସେ କହିଛନ୍ତି। ତେବେ ଦଳୀୟ କନ୍ଦଳ ବାବଦରେ ସେ କହିଛନ୍ତି, ଦଳରେ କେହି ବିଦ୍ରୋହୀ ବ୍ୟକ୍ତି ନାହାନ୍ତି। ଟିକେଟ ପାଇ ନ ଥିବା ଆଶାୟୀମାନେ କୌଣସି ଦଳ ବିରୋଧୀ କାର୍ଯ୍ୟ କରିବେ ନାହିଁ।



ବିପ୍ଳବ ଜେନା।



ପ୍ରତାପ ଚନ୍ଦ୍ର ପ୍ରଧାନ।

■ପେଡି ଖୋଲିନି ବିଜେଡି

■ଆଠମଲ୍ଲିକକୁ ଝୁଲାଇ ରଖିଲା ଭାଜପା

■ଅସନ୍ତୁଷ୍ଟଙ୍କୁ ମନେଇବାକୁ ପ୍ରୟାସ

ସେହିପରି ଅନୁଗୋଳରେ ଭାଜପା ୫ଟି ନିର୍ବାଚନ କ୍ଷେତ୍ରରୁ ୪ଟିରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନୁଗୋଳ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ପାଲଲହଡ଼ା ପାଇଁ ଅଶୋକ ମହାନ୍ତିଙ୍କ ନାମ ଘୋଷଣା ହୋଇଥିବାବେଳେ ତାଳଚେର ଆସନରୁ କାଳନ୍ଦି ସାମଲଙ୍କୁ ଦଳ ପ୍ରାର୍ଥୀ ତାଲିକାରେ ରଖିଛି। ଛେଣ୍ଡିପଦା ପାଇଁ ଅଗସ୍ତି ବେହେରା ଦଳୀୟ ଟିକେଟ ହାତେଇଛନ୍ତି। ହେଲେ ଆଠମଲ୍ଲିକରୁ ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ଏ ପର୍ଯ୍ୟନ୍ତ ଦଳ ସେଠାରେ କୌଣସି ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ।

ତେବେ ଭାଜପାରେ ଟିକେଟ ବଣ୍ଟନ ପରେ ପୁରାତନ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଦଳୀୟ ଟିକେଟ ପାଇଥିବା ନେତାଙ୍କୁ କିଛି କର୍ମୀ ଖୋଲାଖୋଲି ବିରୋଧ କରୁଥିବା ଦେଖିବାକୁ ମିଳିଛି। ଏପରି କି ପ୍ରାର୍ଥୀ ଚୟନରେ ଭୁଲ ନିଷ୍ପତ୍ତି ନେଇଥିବା ଦଳର କେତେଜଣ ଆଶାୟୀ ଅଭିଯୋଗ ଆଣିଛନ୍ତି। ଅନୁଗୋଳ ବିଧାନସଭା ଆସନରୁ ଟିକେଟ ପାଇଥିବା ପ୍ରତାପ କହିଛନ୍ତି, ଦଳ ମଧ୍ୟରେ ଟିକେଟ ମିଳିବା ପରେ କିଛି ଅସନ୍ତୋଷ ଦେଖିବାକୁ ମିଳିଛି। ତେବେ ସେମାନଙ୍କୁ ବୁଝାଇ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ନିର୍ବାଚନରେ ବିଦ୍ୟୁତ, ପାଣି, ଚାଷୀ, ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଭାଜପା ଓବିସି ମୋର୍ଚ୍ଚା ବୈଠକରେ ଟିକେଟ ପ୍ରଦାନକୁ ବିରୋଧ

## 'ଆମଦାନୀ ନେତାଙ୍କୁ ପ୍ରାର୍ଥୀ କରିଛି ଦଳ'

ଅନୁଗୋଳ ଅଫିସ, ୨୩।୩

ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନରେ ଭୁଲ ନିଷ୍ପତ୍ତି ହୋଇଥିବା ଅଭିଯୋଗ ଆଣିଛନ୍ତି ଭାଜପା ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ। ବାରମ୍ବାର ରାଜ୍ୟ ନେତୃବୃନ୍ଦଙ୍କୁ ଜଣାଇବା ପରେ ଭାଜପାରେ ପୁରାତନ ନେତା ତଥା ପାର୍ଟିର ବିଚାରଧାରାରେ ଥିବା ନେତାଙ୍କୁ ପ୍ରାର୍ଥୀ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଶନିବାର ଏଠାରେ ଏକ ବୈଠକରେ କହିଛନ୍ତି, ରାଜ୍ୟ ନେତୃବୃନ୍ଦ କାହା ସହିତ ଆଲୋଚନା ନ କରି ସ୍ୱେଚ୍ଛାଚାରିତା ଭାବେ ନିଷ୍ପତ୍ତି ନେଇଛନ୍ତି। ଦଳୀୟ ନେତାଙ୍କୁ ଅବହେଳା କରାଯାଇ ବାହାରୁ ଆମଦାନି ନେତାଙ୍କୁ ଟିକେଟ ଦିଆଯାଇଛି। ଏ ବାବଦରେ ପାର୍ଟିର ରାଜ୍ୟ ନେତୃବୃନ୍ଦ ଓ ସଭାପତିଙ୍କୁ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତ, ଜିଲା ଯୁବ ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ, ସାଧାରଣ ସମ୍ପାଦକ ନିର୍ମଳ ଅଗ୍ରୱାଲା, ମଣ୍ଡଳ ସଭାପତି ଭୀମସେନ ଭୁଞ୍ଜିଆ, ଯୁବ ମୋର୍ଚ୍ଚା ସଭାପତି ବିକାଶ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହୃଦାନନ୍ଦ ସାହୁ, କୁନା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କୋଇଲା ଚୋରଙ୍କ ଆକ୍ରମଣ

## କନଷ୍ଟେବଲଙ୍କ ସମେତ ୨ ଗୁରୁତର

ତାଳଚେର, ୨୩।୩(ନି.ପ୍ର.)

ତାଳଚେରସ୍ଥିତ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି)ର ମେରିଗୋ ରାଉଣ୍ଡ (ଏମ୍‌ଜିଆର୍) ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍ ଯବାନ କୋଇଲା ଚୋରଙ୍କ ଆକ୍ରମଣ ଶିକାର ହୋଇଛନ୍ତି। ଏଥିରେ ସିଆଇଏସ୍‌ଏଫ୍ ହେଡ୍ କନଷ୍ଟେବଲ ରାମଆଶିଷ ସିଂ ଏବଂ ପାଟ୍ରୋଲିଂରେ ନିୟୋଜିତ ଡ୍ରାଇଭର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ଏନ୍‌ଟିପିସି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏ ନେଇ ତାଳଚେର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଏମ୍‌ଜିଆର୍‌ରେ ଗୁରୁବାର ରାତିରେ ପାଖାପାଖି ୨୦ ଜଣ ସିଆଇଏସ୍‌ଏଫ୍ ଯବାନ ସୁରକ୍ଷା ଦାୟିତ୍ୱରେ ମୁତୟନ ହୋଇଥିଲେ। ସ୍କଟଲାଣ୍ଡପୁର ନିକଟରେ ପାଟ୍ରୋଲିଂ କରୁଥିବାବେଳେ କୋଇଲା ଚୋରି ଉଦ୍ଦେଶ୍ୟରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସେମାନଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଠେଙ୍ଗା, ଲୁହା ରଡ଼ ମାଡ଼ରେ ରାମଆଶିଷଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଟିପିସି ପକ୍ଷରୁ ନିବେଦନ କରାଯାଇଛି।

# ସ୍ଥାନୀୟ ନେତାଙ୍କୁ ଟିକେଟ ଦାବିରେ ବିଜେଡିର ଧାରଣା

ପାଲଲହଡା, ୨୩।୩(ଡି.ଏନ.ଏ.)

ପାଲଲହଡ଼ା ବିଧାନସଭା କ୍ଷେତ୍ରରେ ନିର୍ବାଚନ ମଣ୍ଡଳୀ ବାହାର ଲୋକଙ୍କୁ ପ୍ରାର୍ଥୀ ନ କରିବା ଦାବିରେ ଶନିବାର ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି କର୍ମୀମାନେ ଧାରଣା ଦେଇଛନ୍ତି। ବରିଷ୍ଠ ନେତା ସନ୍ତୋଷ ଦେହୁରୀଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଦେହୁରୀ କହିଥିଲେ, ଦୀର୍ଘ ବର୍ଷ ହେବ ଏହି ନିର୍ବାଚନ ମଣ୍ଡଳୀକୁ ବିଭିନ୍ନ ରାଜନୈତିକ ଦଳ ବାହାର ନେତାଙ୍କୁ ଆଣି ଥଇଥାନ କରିବାରେ ବ୍ୟବହାର କରୁଛନ୍ତି। ଚଳିତ ନିର୍ବାଚନରେ ବିଜେଡି ଏଠାରୁ ସ୍ଥାନୀୟ ନେତାଙ୍କୁ ଟିକେଟ ଦେଉ। ନଚେତ ଦଳ ପାଇଁ କ୍ଷତି ହେବ ବୋଲି ବିଜେଡି ସୁପ୍ରିମୋଙ୍କୁ ଧାରଣା ମାଧ୍ୟମରେ ଅବଗତ କରାଯାଇଥିବା ସେ କହିଛନ୍ତି। ପାଲଲହଡ଼ାବାସୀଙ୍କୁ ସେମାନଙ୍କ ମନ ପସନ୍ଦର ସ୍ଥାନୀୟ ନେତାଙ୍କୁ ପ୍ରାର୍ଥୀ ବାଛିବାର ସୁଯୋଗ ଦିଆଯାଉ ବୋଲି ଧାରଣାରତ କର୍ମୀମାନେ ଦାବି କରିଛନ୍ତି।



ପାଲଲହଡ଼ା ବିଜେଡି କର୍ମୀମାନେ ଧାରଣାରେ ବସିଛନ୍ତି।

# ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ନିଷ୍ପତ୍ତି

ବଇଣ୍ଡା, ୨୩।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଖଇରମୁଣ୍ଡାଠାରେ ଶୁକ୍ରବାର ଭାଜପାର ଆଠମଲ୍ଲିକ ବିଧାନସଭା କ୍ଷେତ୍ରୀୟ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି। ଡ. ଅଲେଖ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନୁଗୋଳ ଜିଲା ସାଧାରଣ ସମ୍ପାଦକ ଡିଲେଶ୍ୱର ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ, ଅଲେଖ ଭୋଇ, ଅଜିତ୍ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଅଜିତ୍ ସାହୁ, ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। କିଭଳି ସାଧାରଣ ନିର୍ବାଚନରେ ଦଳ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଭଲ ପ୍ରଦର୍ଶନ କରି ବିଜୟୀ ହେବ ସେ ଆଲୋଚନା କରାଯିବା ସହ ଦଳ ଯାହାକୁ ପ୍ରାର୍ଥୀ ଭାବେ ଘୋଷଣା କରିବ ତାଙ୍କୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ବାପା ଟାଙ୍ଗିଆ ଚୋଟରେ ପୁଅ ଗୁରୁତର

ପାଲଲହଡ଼ା, ୨୩।୩(ଡି.ଏନ.ଏ.)

ପାଲଲହଡ଼ା ଥାନା ବତୀସୁଆଁ ପଞ୍ଚାୟତ ସୋଲଡା ଗ୍ରାମରେ ଟଙ୍କିକିଆ ଚାଉଳ ଭାଗବଣ୍ଟାକୁ କେନ୍ଦ୍ର କରି ବାପ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉକ୍ତ ବାପା ବାହାଦୂର ତୁବିଦ୍‌ଙ୍କ ଟାଙ୍ଗିଆ ଚୋଟରେ ପୁଅ ଦିନା ତୁବିଦ୍ ଗୁରୁତର ହୋଇଛନ୍ତି। ଘଟଣାରେ ପୋଲିସ ବାହାଦୂରଙ୍କୁ ଗିରଫ କରି ୩୩/୧୯ରେ ମାମଲା ରୁଜୁ କରିଛି।

ଘଟଣାରୁ ଜଣାପଡିଛି, ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ବାହାଦୁର ଚଳିତ ମାସର ଚାଉଳ ଘରକୁ ଆଣିବା ପରେ ଚାଉଳ ଭାଗବଣ୍ଟା ହୋଇଥିଲା। ଏହାକୁ କେନ୍ଦ୍ର କରି ବାହାଦୂର ଓ ତାଙ୍କ ମଝିଆ ପୁଅ ଦିନାଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାହାଦୁର ଏକ ଟାଙ୍ଗିଆରେ ଦିନାଙ୍କୁ ହାଣି ଦେଇଥିଲେ । ଗ୍ରାମବାସୀଙ୍କଠାରୁ ଖବରପାଇ ପାଲଲହଡ଼ା ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଦିନାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଘଟଣା ପରେ ବାହାଦୁର ନିକଟସ୍ଥ ଜଙ୍ଗଲକୁ ପଳାଇଥିଲେ। ପାଲଲହଡ଼ା ଆଇଆଇସି ଜ୍ଞାନ ରଞ୍ଜନ ସାମଲ କୌଶଳ କ୍ରମେ ତାଙ୍କୁ ଗିରଫ କରିଥିଲେ।

# ମନେ ପକାଇଲେ ଶହୀଦଙ୍କ ଆଦର୍ଶ, ଅବଦାନ




ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ।

ଛେଣ୍ଡିପଦା, ୨୩।୩(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମରେ ଶନିବାର ଗୋପବନ୍ଧୁ ଜନକଲ୍ୟାଣ ସମିତି ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଛି। ସମିତି ସଭାପତି ସୁଦୀପ କୁମାର ଗଡନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ତାଙ୍କ ଜୀବନୀ, ନୀତି ଆଦର୍ଶ ଏବଂ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଆଜିର ଯୁବ ସମାଜ ଉତ୍ସର୍ଗୀକୃତ ମନୋଭାବ ରଖି ଦେଶ ତଥା ସମାଜର ବିକାଶମୂଳକ କାର୍ଯ୍ୟକ୍ରମରେ ସାମିଲ ହେବା ସହ ସମାଜର ଗଠନମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଶ୍ରୀଧର ଗଡନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ଶିକ୍ଷକ ହାରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମିତି ସମ୍ପାଦକ ଖଗେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ



ବଇଣ୍ଡା, ୨୩।୩(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଛକରେ ବ୍ୟାଙ୍କ ଅଫ୍ ବରୋଦା (ଜାମୁନାଳି ଶାଖା) ପକ୍ଷରୁ ଗୁରୁବାର ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଶାଖା ପରିଚାଳକ ବିଦେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ସାଧାରଣ ଲୋକଙ୍କୁ ସହଜରେ ବ୍ୟାଙ୍କ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଏହି ଗ୍ରାହକ ସେବା କେନ୍ଦ୍ର ଆରମ୍ଭ କରାଯାଇଛି। ଏହାର ସୁଯୋଗ ନେବାକୁ ଶାଖା ପରିଚାଳକ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଗଣେଶ୍ୱର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, କେଶବ ଚନ୍ଦ୍ର ପ୍ରଧାନ, କୁମୁଦିନି ସାହୁ, ଅନିର୍ବାଣ ନନ୍ଦ, ତୁଷାରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକ ସେବା କେନ୍ଦ୍ର ପରିଚାଳକ କମଳ ଲୋଚନ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ଲୋକ କିଭଳି ସହଜରେ ଟଙ୍କା ଉଠାଣ କରିପାରିବେ ଏବଂ ସରକାରୀ ଯୋଜନାର ଲାଭ ଉଠାଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ଆଖୁ କିଆରିରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

କଟକ ସଦର, ୨୩।୩ (ଡି.ଏନ୍.ଏ)

୪୨ ମୌଜା ଫାଣ୍ଡି ଅଧୀନ ଗୋବିନ୍ଦପୁର ଗ୍ରାମ ନିକଟ ଏକ ଆଖୁ କିଆରିରୁ ଶନିବାର ସକାଳେ ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଉପେନ୍ଦ୍ର କିଷାନ ଓ ଘର ଅନୁଗୋଳ ପାଲଲହଡା ଥାନା ଅଧୀନ ତଳବୁରୁଜଙ୍ଗ ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଆଖୁକିଆରିରେ କାମ କରିବା ପାଇଁ କିଛିଦିନ ହେବ ଉପେନ୍ଦ୍ର ଅନ୍ୟ ସାଥୀଙ୍କ ସହ ଗୋବିନ୍ଦପୁର ଗ୍ରାମକୁ ଆସିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

■ଶିକ୍ଷା ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା

# ଜିଲାରେ ଶିକ୍ଷାର ବିକାଶକୁ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୩।୩



ଅନୁଗୋଳରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ସାଥ ଟିମ୍ ମେମ୍ବର ତେଜସ୍ୱିନୀ ପାଣିଗ୍ରାହୀ ଓ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମସ୍ତ କୋଅର୍ଡିନେଟରମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ପାଣିଗ୍ରାହି ଉପସ୍ଥିତ ଅଧିକାରୀମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ମିଶ୍ରଣ, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ଅଭିବୃଦ୍ଧି କାର୍ଯ୍ୟକ୍ରମ ଅନ୍ତର୍ଗତ ଉଜ୍ଜ୍ୱଳ ଓ ଉତ୍‌ଥାନ କାର୍ଯ୍ୟକ୍ରମ, ଶିକ୍ଷା ବିଭାଗର ଅଧିକାରୀମାନଙ୍କ ଦ୍ୱାରା ସ୍କୁଲ ମନିଟରିଂ ଆପ୍ ମାଧ୍ୟମରେ ବିଦ୍ୟାଳୟର ପରିଦର୍ଶନ, ବିଦ୍ୟାଳୟକୁ ମାଗଣା ପାଠ୍ୟ ପୁସ୍ତକ ଯୋଗାଣ, ଜିଲାରେ ପିଲାମାନଙ୍କର ଶୈକ୍ଷିକ ଉନ୍ନତି, ପିଲାମାନଙ୍କ ବାର୍ଷିକ ପରୀକ୍ଷାର ମୂଲ୍ୟାୟନ ସମ୍ପର୍କିତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବେହେରା ସମସ୍ତ ଅଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଠିକ୍ ଭାବରେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ରୀତା କେରକେଟା ଜିଲାରେ ଶିକ୍ଷାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ହୋଲି ଖେଳିଲେ କୁନି ପିଲା



ବଚପନ ପ୍ଲେ ସ୍କୁଲ ଛାତ୍ରୀଛାତ୍ରମାନେ ହୋଲି ଉତ୍ସବ ପାଳନ କରୁଛନ୍ତି।



ହୋଲି ଖେଳୁଛନ୍ତି ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ।

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳର ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁମୈୟା ସରମିନ୍ ଉତ୍ସବ ପାଳନର ମହତ୍ତ୍ୱ ଓ ହୋଲି ଖେଳିବାବେଳେ କିପରି ସତର୍କ ରହିବାକୁ ପଡିଥାଏ ସେ ସମ୍ପର୍କରେ କୁନିକୁନି ପିଲାମାନଙ୍କୁ ଅବଗତ କରାଇଥିଲେ। ପରେ ପିଲାମାନେ ପରସ୍ପରକୁ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକ ଅଭିଭାବକମାନଙ୍କୁ ମଧ୍ୟ ରଙ୍ଗ ଲଗାଇଥିଲେ। ସ୍କୁଲ ଅଧ୍ୟକ୍ଷ ଯଶପାଲ ପଟ୍ଟନାୟକ, ଉପଦେଷ୍ଟା ଇଭାଲିନ୍ ରଥ, ଇପ୍‌ସିତା ବେହେରାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅନୁଗୋଳ ସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ହୋଲି ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ମଧ୍ୟରେ ଭାଇଚାରା ସୃଷ୍ଟି ଉତ୍ସବ ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ କହିଥିଲେ। ପରସ୍ପରକୁ ରଙ୍ଗ ଲଗାଇ ଏହି ଉତ୍ସବର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ସେବକ ଚରଣ ଦାଶ, ଉପାଧ୍ୟକ୍ଷ ବିଜୟ କୁମାର ଦାସଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ରଙ୍ଗ ଖେଳକୁ ନେଇ ସବର୍ଣ୍ଣ–ଅସବର୍ଣ୍ଣ ମାର୍‌ପିଟ୍

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର.)**

ହୋଲିରେ ରଙ୍ଗ ଖେଳକୁ ନେଇ ଜରପଡା ଥାନା କୁଶକିଲା ଗ୍ରାମରେ କିଛି ଅସବର୍ଣ୍ଣ ଲୋକଙ୍କୁ ସେହି ଗ୍ରାମର ସବର୍ଣ୍ଣ ଲୋକ ମାଡ଼ ମାରିଥିବା ଜରପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କୁଶକିଲା ପଞ୍ଚାୟତର ସୁଶାନ୍ତ ସାହୁ ୮/୧୦ଜଣ ସାଙ୍ଗ ସହ ମାଇକ୍ ବଜାଇ ଗ୍ରାମର ତେନ୍ତୁଳି ଛକଠାରେ ରଙ୍ଗ ଖେଳୁଥିଲେ। ମାଇକ ଶବ୍ଦ ଶୁଣି ସେହି ଗ୍ରାମର ହରିଜନ ସାହିର ନକୁଳ ନାଏକ, ଟଙ୍କ ନାଏକ, ଶ୍ରୀକର ନାଏକ, ଦୁଷ୍ମନ୍ତ ନାଏକ ପହଞ୍ଚି ତାଙ୍କ ସାହିରେ ରଙ୍ଗ ନ ଖେଳିବାକୁ ସୁଶାନ୍ତ ଓ ସାଙ୍ଗମାନଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁଶାନ୍ତଙ୍କ ସାଙ୍ଗ କିଶୋରୀ ମହାପାତ୍ର, ପ୍ରକାଶ ବିଶ୍ୱାଳ, ବାବର ବେହେରା ଓ ସଞ୍ଜୟ ରାଉତ ସେମାନଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ମାଡ ମାରିଥିଲେ। ଫଳରେ ନକୁଳଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ। ଏ ନେଇ ନକୁଳ ଶୁକ୍ରବାର ଜରପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୯୦/୧୯ରେ ମାମଲା ରୁଜୁ କରିଛି। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଶନିବାର କୁଶକିଲା ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

## ରମେଶ ବାବୁ ଏନ୍‌ଟିପିସି ଜିଜିଏମ

**ତାଳଚେର,୨୩।୩(ନି.ପ୍ର.)**




କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ ପ୍ରକଳ୍ପରେ ନୂତନ ଗ୍ରୁପ ଜେନେରାଲ ମ୍ୟାନେଜର (ଜିଜିଏମ) ଭାବେ ରମେଶ ବାବୁ ଭି ଯୋଗ ଦେଇଛନ୍ତି। ଏଠାରେ ଥିବା ମୁଖ୍ୟ ମହାପ୍ରବନ୍ଧକ ସନ୍ତୋଷ ଜେମ୍‌ସଙ୍କ ଦକ୍ଷିଣାଞ୍ଚଳ ମୁଖ୍ୟାଳୟକୁ ବଦଳି ହୋଇଛି। ରମେଶ ୧୯୮୭ରେ ଏନ୍‌ଟିପିସିରେ ଏକ୍‌ଜିକ୍ୟୁଟିଭ ଟ୍ରେନି ଭାବେ ଯୋଗ ଦେଇଥିଲେ। ସେ ଆର୍‌ଇସି ଶ୍ରୀନଗରରୁ ମେକାନିକାଲ ଇଞ୍ଜିନିୟରିଂ ପାସ କରିବା ପରେ ଆଇଆଇଟି ଦିଲ୍ଲୀରେ ଏମ. ଟେକ କରିଥିଲେ। ବଦରପୁର ପାୱାରଷ୍ଟେଶନରୁ ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିଲେ। ୩୨ବର୍ଷ ମଧ୍ୟରେ ଏନ୍‌ଟିପିସିର ବିଭିନ୍ନ ୩ ଟି ବିଭାଗରେ ସେ ସଫଳତାର ସହ କାମ କରି ଆସିଛନ୍ତି।

## ଦୁର୍ଘଟଣାରେ ବିଦ୍ୟୁତ୍ କର୍ମଚାରୀ ମୃତ

**ଅନୁଗୋଳ ଅଫିସ, ୨୩।୩**

ଅନୁଗୋଳ ବଡକେରା ଅଞ୍ଚଳରେ କାର୍ଯ୍ୟରତ ଏନ୍‌ଜେନ୍ କର୍ମଚାରୀ ମିହିର ରଞ୍ଜନ ରାଉଳଙ୍କ ଶୁକ୍ରବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ଘର ବନ୍ତଳା ଥାନା ଡୁମୁଣି ଗ୍ରାମରେ। ଘଟଣା ପରେ ଜିଲାରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ ଓ ସ୍ଥାନୀୟ ରାଜନେତାମାନେ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଓ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦାବି କରିଥିଲେ। ଏନ୍‌ଜେନ୍ ଅଧିକାରୀମାନେ ଡାକ୍ତରଖାନାକୁ ଆସି ବାବା ଚମ୍ପେଶ୍ୱର ବିଦ୍ୟୁତ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ମାନସ ପାଳ, ସମ୍ପାଦକ ଦୀପକ ସିଂହ, କର୍ମକର୍ତ୍ତା ସୁକାନ୍ତ ସାହୁ, ପ୍ରତାପ ସାହୁ, ରଜତ ମହାନ୍ତ, ଶୁଭ୍ରାଂଶୁ ଶେଖର ପଣ୍ଡା, ଲମ୍ବୋଦର ସାହୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଶକ୍ତିପ୍ରସାଦ ପଟ୍ଟନାୟକ, ବିପ୍ଳବ ଜେନା, ବ୍ରଜବନ୍ଧୁ ସାହୁ ଓ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ୩ ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ୧୧ ଲକ୍ଷ ଟଙ୍କା କ୍ଷତିପୂରଣ, ଶୁଦ୍ଧି କ୍ରିୟା ପାଇଁ ପଚାଶ ହଜାର ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।

## ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୨୩।୩(ଡି.ଏନ୍.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ତେଲେଶ୍ୱଇପାଲି ଗ୍ରାମ ମୁଣ୍ଡାସାହିରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଧର୍ମ କାନ୍ଧିଆ ଏବଂ କାଳିନ୍ଦୀ ମୁଣ୍ଡା ଗିରଫ ହୋଇଛନ୍ତି। ଅବକାରୀ ନିରୀକ୍ଷକ ସ୍ନେହଲତା ନାୟକ, ଉପ ନିରୀକ୍ଷକ ପ୍ରଫୁଲ୍ଲ ପତିଙ୍କ ସମେତ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲେ।

## ଶୋଭାଯାତ୍ରାବେଳେ ଗଣ୍ଡଗୋଳ, ୫ ଗିରଫ

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର)**

ଦୋଳଯାତ୍ରାବେଳେ ଏକ ଗଣ୍ଡଗୋଳ ଘଟଣାରେ ନିଶା ଶିଳ୍ପାଞ୍ଚଳ ପୋଲିସ ସୁବର୍ଣ୍ଣପୁର ଗ୍ରାମର ୫ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗ୍ରାମରେ ଦୋଳ ଶୋଭାଯାତ୍ରା ଚାଲିଥିବାବେଳେ ଦୁଃଖୀ ପରିଡାଙ୍କ ୩ ପୁଅ ଭଗବାନ, ବଳରାମ ଓ ମାନସ ଏବଂ ସେହି ଗ୍ରାମର ବିଶ୍ୱନାଥ ପରିଡା, ତାଙ୍କ ଭାଇ କିଷାନ ପରିଡାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ନିଶା ଥାନାରେ ଉଭୟ ପକ୍ଷ ଅଭିଯୋଗ କରିଥିଲେ। ଦୁଃଖୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୫୪/୧୯ରେ ମାମଲା ରୁଜୁ କରି ବିଶ୍ୱନାଥ ଓ କିଷାନଙ୍କୁ ଗିରଫ କରିଥିଲା। ବିଶ୍ୱନାଥ ପରିଡାଙ୍କ ଅଭିଯୋଗ କ୍ରମେ ନଂ. ୫୫/୧୯ରେ ମାମଲା ରୁଜୁ ହୋଇ ବଳରାମ, ଭଗବାନ ଓ ମାନସଙ୍କୁ ଗିରଫ କରାଯାଇଥିଲା।

## ବଡ଼ ଭାଇଙ୍କୁ ଆକ୍ରମଣ କରି ସାନ ଗିରଫ

**ବଆଁରପାଳ, ୨୩।୩ (ଡି.ଏନ୍.ଏ)**

ନାଲକୋ ଥାନା କୁଲାଡ଼ ଗ୍ରାମର ବିଶ୍ୱଜିତ୍ ଜେନାଙ୍କୁ ତାଙ୍କ ଦାଦା ପୁଅ ଭାଇ ପ୍ରହ୍ଲାଦ ଜେନା ମରଣାନ୍ତକ ଆକ୍ରମଣ କରିଥିବା ବିଶ୍ୱଜିତ୍‌ଙ୍କ ମା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରହ୍ଲାଦଙ୍କୁ ଗିରଫ କରି ନଂ. ୪୬/୧୯ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଶୁକ୍ରବାର ପ୍ରହ୍ଲାଦ ଓ ବିଶ୍ୱଜିତଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ବିଶ୍ୱଜିତ ଶୋଇଥିବାବେଳେ ପ୍ରହ୍ଲାଦ ମାରଣାସ୍ତ୍ରରେ ତାଙ୍କ ବେକକୁ କାଟି ଦେଇଥିଲେ। ଗୁରୁତର ଅବସ୍ଥାରେ ବିଶ୍ୱଜିତଙ୍କୁ ପ୍ରଥମେ ନାଲକୋ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣେ ଫେରାର ଥିବା ତଦନ୍ତକାରୀ ଅଫିସର ସରୋଜିନି ବାଘ ସୂଚନା ଦେଇଛନ୍ତି।




## ଦୋଳ ଉତ୍ସବ ପାଳିତ

ବଇଣ୍ଡା,୨୩।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଘନପୁର ଓ ନୁନୁକାପଶି ପଞ୍ଚାୟତ ସାନଗୋବିନ୍ଦପୁର ଗ୍ରାମରେ ଶୁକ୍ରବାର ଦୋଳଯାତ୍ରା ପାଳିତ ହୋଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ସଂର୍କୀତନ ମଣ୍ଡଳୀ ଯୋଗଦେଇ ନାମ ସଂର୍କୀତନ କରିଥିବାବେଳେ ଲଉଡ଼ି ଖେଳ, ଘଣ୍ଟ ବାଦ୍ୟରେ ଗାଁ ଦାଣ୍ଡ କମ୍ପି ଉଠିଥିଲା। ଯାତ୍ରା ପଡ଼ିଆରେ ମିନା ବଜାର ବସିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ହୋଲି ପାଳନ

ତାଳଚେର,୨୩।୩(ନି.ପ୍ର.)- ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାରର ସଦସ୍ୟମାନେ ବଳରାମପ୍ରସାଦସ୍ଥିତ ନକୁଳ ଚନ୍ଦ୍ର ସ୍ୱତନ୍ତ୍ର ଦୃଷ୍ଟିହୀନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ସହ ହୋଲି ପାଳନ କରିଥିଲେ। ପାଠାଗାର ପକ୍ଷରୁ ପିଲାମାନଙ୍କୁ ମିଷ୍ଟାନ୍ନ, ବିସ୍କୁଟ ବଣ୍ଟା ଯାଇଥିଲା। ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ପଙ୍କଜ ଲୋଚନ ସ୍ୱାଇଁ, ଝୁନୁ ସାହୁ, ଅଜିତ ସାଗର ପ୍ରଧାନ, ଅନିତା ପାଣି, ବିଭୂତି ଭୂଷଣ ପାଣି, ରସାନନ୍ଦ ଥାଟୋଇ, ଗବେଷକ ବିଭୂତି ଭୂଷଣ ସାହୁ ଓ ରଙ୍ଗାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦିକା ରେଣୁବାଳା ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ